**Publication:** Odisha Bhaskar
**Date:** 27/08/2016
**Edition:** Bhubaneswar
**Page No:** 5
**Headline:** Sai International School wins Bhubaneswar edition of TCS IT wiz 2016

# ଆଇଟି କୁଇଜ୍ ପ୍ରତିଯୋଗିତାରେ ୧୧୦୦ ଛାତ୍ରଛାତ୍ରୀ ସାମିଲ



ଭୁବନେଶ୍ୱର, (ଆପ୍ର) : ଭାରତର ସର୍ବବୃହତ ଆନ୍ତଃବିଦ୍ୟାଳୟ କ୍ୱିଜ୍, ଟିସିଏସ୍ ଆଇଟି ୱିଜ୍‌ର ଭୁବନେଶ୍ୱର ସଂସ୍କରଣ ହୋଟେଲ ପାଲ୍ ହାଇଟସ୍‌ରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଅଷ୍ଟମରୁ ଦ୍ୱାଦଶ ମଧ୍ୟରେ ପଢୁଥିବା ସବୁ ହାଇସ୍କୁଲ୍ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରାୟ ୧୧୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଡିଫଲ୍ଟ ଇଜ୍ ଡିଜିଟାଲ୍ ଚଳିତ ବର୍ଷ କ୍ୱିଜ୍‌ର ବିଷୟବସ୍ତୁ ଥିଲା। ସାରା ବିଶ୍ୱରେ ଟେକ୍ନୋଲୋଜି ଟ୍ରେଣ୍ଡ ନେଇ ସୁଯୋଗକୁ ପ୍ରଦର୍ଶନ କରିବା କ୍ୱିଜ୍ ପ୍ଲାଟ୍‌ଫର୍ମର ମୂଳ ଉଦ୍ଦେଶ୍ୟ। ଆଂଚଳିକ ଫାଇନାଲ୍‌ରେ ୫ ରାଉଣ୍ଡ କ୍ୱିଜ୍ ଅନୁଷ୍ଠିତ ହେବା ପରେ ସାଇ ଇଂଟରନ୍ୟାସନାଲ୍ ସ୍କୁଲ୍‌ର ଅକ୍ଷତ ପ୍ରନୀତ୍ ଏବଂ ସମ୍ପ୍ରୀତି ପଣ୍ଡା ବିଜେତା ଘୋଷିତ ହୋଇଛନ୍ତି। ଚଳିତ ବର୍ଷର ଆଂଚଳିକ ଚାମ୍ପିଅନ୍ ବିଜେତା ଭାବେ ପ୍ରତ୍ୟେକ ଗୋଟିଏ ଲେଖାଏଁ ଆଇପ୍ୟାଡ୍ ଏୟାର ପାଇଥିବା ବେଳେ ଡିଏଭି, ୟୁନିଟ୍-୮ ସ୍କୁଲ୍‌ର ଶିବପ୍ରସାଦ ରେଡ୍ଡୀ ଏବଂ ସ୍ପନ୍ଦନ ଦାଶ ରନର୍ସ ଅପ୍ ଭାବେ ପ୍ରତ୍ୟେକ ଆଇପ୍ୟାଡ୍ ମିନି ସମେତ ଟ୍ରଫି ଓ ମେଡାଲ ପାଇଛନ୍ତି। ମୁମ୍ବାଇରେ ଅନୁଷ୍ଠିତ ହେବାକୁ ଥିବା ରାଷ୍ଟ୍ରୀୟ ଫାଇନାଲ୍‌ରେ ପ୍ରତିଯୋଗିତା କରିବାକୁ ବିଜୟୀ ଟିମ୍ ସହ ଜଣେ ଶିକ୍ଷକ/ପିତାମାତା ମୁମ୍ବାଇ ଯିବେ। ସମ୍ମାନିତ ଅତିଥି ଭାବେ ଆର୍ ଏନ୍ ପଲାଇ, ସ୍ୱତନ୍ତ୍ର ସଚିବ, ସୂଚନା ପ୍ରଯୁକ୍ତିବିଦ୍ୟା, ଓଡ଼ିଶା ସରକାର ଏବଂ ମନୋଜ ପଣ୍ଡା, ସେଂଟର ମୁଖ୍ୟ- ଟିସିଏସ୍ ଭୁବନେଶ୍ୱର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଟିସିଏସ୍ ଆଇଟି ୱିଜ୍ ଚଳିତ ବର୍ଷ ଭାରତର ୧୫ଟି ସହର ଯଥା- ଅହମ୍ମଦାବାଦ୍, ବାଙ୍ଗାଲୋର, ଭୁବନେଶ୍ୱର, ଚେନ୍ନାଇ, କୋଏମ୍ବାଟୁର, ଦିଲ୍ଲୀ, ହାଇଦ୍ରାବାଦ୍, ଇନ୍ଦୋର, କୋଚି, କୋଲକାତା, ଲକ୍ଷ୍ନୌ, ମୁମ୍ବାଇ, ନାଗପୁର, ପୁନେ ଓ ବିଶାଖାପାଟନମ୍‌ରେ ଅନୁଷ୍ଠିତ ହେଉଛି।